# NATIONAL NEWS BULLETIN (ODIA)

**29 April - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ମତଦାନ ଜାରି

– ଅପରାହ୍ନ ଗୋଟାଏ ସୁଦ୍ଧା ୬୧ ଦଶମିକ ୧/୧ ମତଦାନ ସୂଚନା

- ଉତ୍ତରପ୍ରଦେଶର ହର୍ଦୋଇ ଜିଲ୍ଲାରେ ୫୯୪ କିଲୋମିଟର ଦୀର୍ଘ ଗଙ୍ଗା ଏକ୍ସପ୍ରେସ ୱେର ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ

- ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଇକ୍ୱେଡରର ପ୍ରତିପକ୍ଷଙ୍କ ସହ ଆାଲୋଚନା କଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ଅନୁଷ୍ଠିତ ହେବ ମୁମ୍ବାଇ ଇଣ୍ଡିଆନ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମ୍ୟାଚ୍

---

## ଡବ୍ଲୁବି ଇଲେକ୍ସନ

ପଶ୍ଚିମବଙ୍ଗରେ ଆଜି ୧୪୨ଟି ବିଧାନସଭା ଆସନରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ ଜାରି ରହିଛି । ସକାଳ ୭ଟାରୁ ଆରମ୍ଭ ହୋଇଥିବା ମତଦାନ ପ୍ରକ୍ରିୟା ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ । ୩ କୋଟି ୨୨ ଲକ୍ଷରୁ ଅଧିକ ଭୋଟର ଏହି ପର୍ଯ୍ୟାୟରେ ୧ ହଜାର ୪୪୮ ଜଣ ପ୍ରାର୍ଥୀଙ୍କ

ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରୁଛନ୍ତି । ସେମାନଙ୍କ ମଧ୍ୟରେ ପ୍ରଥମଥର ଭୋଟ୍ ଦେଉଥିବା ୧୮ରୁ ୧୯ ବର୍ଷ ବୟସର ୪ ଲକ୍ଷ ୧୨ ହଜାରରୁ ଅଧିକ ମତଦାତା ରହିଥିବା ଜଣାପଡ଼ିଛି ।

ଆଜି ଅପରାହ୍ନ ଗୋଟାଏ ସୁଦ୍ଧା ୬୧ ଦଶମିକ ୧/୧ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି । କାଁଭାଁ ହିଂସାକାଣ୍ଡକୁ ବାଦ୍ ଦେଲେ ମତଦାନା ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ରହିଥିବା ଜଣାପଡ଼ିଛି । ସ୍ୱଚ୍ଛ ଏବଂ ସୁରକ୍ଷିତ ମତଦାନ ଲାଗି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ।

---

# ପିଏମ୍-ହରଦୋଇ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତରପ୍ରଦେଶର ହର୍ଦୋଇ ଜିଲ୍ଲାରେ ୫୯୪ କିଲୋମିଟର ଦୀର୍ଘ ଗଙ୍ଗା ଏକ୍ସପ୍ରେସ୍ ୱେ ର ଲୋକାର୍ପଣ କରିଛନ୍ତି । ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଉତ୍ତରପ୍ରଦେଶ ପାଇଁ ଗଙ୍ଗାନଦୀ ହଜାର ହଜାର ବର୍ଷ ଧରି ଜୀବନରେଖା ପାଲଟିଥିବା ବେଳେ ଆଜି ଉଦ୍‌ଘାଟିତ ଏକ୍ସପ୍ରେସ୍ ୱେ ରାଜ୍ୟର ବିକାଶରେ ନୂଆ ଜୀବନରେଖା ସାବ୍ୟସ୍ତ ହେବ ।

**V/O (PM Modi)**

ଏହି ଉଚ୍ଚଗତି ସଂପନ୍ନ ଏକ୍ସପ୍ରେସ୍ ୱେ ଉତ୍ତରପ୍ରଦେଶରେ ଯୋଗାଯୋଗ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହ ଶିଳ୍ପ, ନିବେଶ, ପରିବହନ, କୃଷି ବିପଣନ ଏବଂ ଆଞ୍ଚଳିକ ସନ୍ତୁଳନ ରକ୍ଷା କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଉତ୍ତରପ୍ରଦେଶ ଏକ୍ସପ୍ରେସ୍ ୱେଜ୍ ଶିଳ୍ପ ବିକାଶ ପ୍ରାଧିକରଣ ଦ୍ୱାରା ଗଙ୍ଗା ଏକ୍ସପ୍ରେସ୍‌ୱେ ର ବିକାଶ କରାଯାଇଛି, ଯାହା ପଶ୍ଚିମାଞ୍ଚଳ, କେନ୍ଦ୍ରୀୟ ଏବଂ ପୂର୍ବାଞ୍ଚଳକୁ ଏକକ ଉଚ୍ଚଗତି ସଂପନ୍ନ

କରିଡରରେ ପରିଣତ କରୁଛି । ଉତ୍ତରପ୍ରଦେଶରେ ଏହା ସବୁଠାରୁ ଦୀର୍ଘତମ ଏକ୍ସପ୍ରେସ୍ ୱେ । ଏହା ଦ୍ୱାରା ମିରଟ ଏବଂ ପ୍ରୟାଗରାଜ ମଧ୍ୟରେ ଯାତାୟାତ ସମୟ ୧୨ ଘଣ୍ଟାରୁ ୬ ଘଣ୍ଟାକୁ ହ୍ରାସ ପାଇବ ।

ସୂଚନା ଅନୁଯାୟୀ, ଏହି ଏକ୍ସପ୍ରେସ୍ ୱେ ୧୨ଟି ସହର ଦେଇ ଯାଇଛି । ସେଗୁଡ଼ିକ ହେଉଛି ମିରଟ, ହାପୁର, ବୁଲନ୍ଦସର, ଆମ୍ରୋହା, ସମ୍ଭଲ, ବୁଦାଉଁ, ସାହାଜହାନପୁର, ହର୍ଦୋଇ, ଉନ୍ନାଓ, ରାୟବରେଲି, ପ୍ରତାପଗଡ଼ ଏବଂ ପ୍ରୟାଗରାଜ। ଏହି ଏକ୍ସପ୍ରେସ୍‌ୱେରେ ବାୟୁସେନାର ଜାହାଜ ଅବତରଣ ଏବଂ ଉଡ଼ାଣ ପାଇଁ ସାହାଜାହାନପୁରଠାରେ ୩ ଦଶମିକ ୫ କିଲୋମିଟର ଦୀର୍ଘ ଏୟାରଷ୍ଟ୍ରିପ୍ ନିର୍ମାଣ କରାଯାଇଛି ।

---

# ପିଏମ୍-ବିଶ୍ୱନାଥ ଟେମ୍ପୁଲ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳେ ଶ୍ରୀ କାଶୀବିଶ୍ୱନାଥ ମନ୍ଦିର ପରିଦର୍ଶନ କରିଛନ୍ତି । ପ୍ରାୟ ୨୦ ମିନିଟ୍ ଧରି ପ୍ରଧାନମନ୍ତ୍ରୀ ପୂଜାର୍ଚ୍ଚନା କରିଥିଲେ । ମନ୍ଦିରରେ ପୂଜା ସାରିବା ପରେ ବିଜେପି ନେତାମାନେ ପ୍ରଧାନମନ୍ତ୍ରୀଙ୍କୁ ତ୍ରିଶୂଳ ଓ ଡମ୍ବରୁ ଉପହାର ଦେଇଥିଲେ । ପ୍ରଧାନମନ୍ତ୍ରୀ ମନ୍ଦିରରେ ଉପସ୍ଥିତ ଭକ୍ତଙ୍କ ସହ କଥା ହୋଇଥିବା ସୂଚନା ମିଳିଛି ।

---

# ବୁଦ୍ଧ-ରିଲିକ୍ସ

ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ଭଗବାନ ବୁଦ୍ଧଙ୍କ ପବିତ୍ର ଦେହାବଶେଷ ଆଜି ଲଦାଖରେ ପହଞ୍ଚିଛି । ଆସନ୍ତାମାସ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ସର୍ବସାଧାରଣ ଏହାକୁ ଦର୍ଶନ କରିପାରିବେ । ଲଦାଖର ଉପରାଜ୍ୟପାଳ ବିନୟ କୁମାର ସକ୍‌ସେନା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ବାୟୁସେନା ବିମାନ ଘାଟିରେ ଭଗବାନ ବୁଦ୍ଧଙ୍କ ଦେହାବଶେଷକୁ ଗ୍ରହଣ

କରିଥିଲେ । ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ କଡ଼ା ସୁରକ୍ଷା ସହ ଭଗବାନ ବୁଦ୍ଧଙ୍କ ଦେହାବଶେଷକୁ ଅଣାଯାଇଥିଲା । ବିମାନ ବନ୍ଦରରୁ ଏହାକୁ ଏକ ସୁସଜ୍ଜିତ ଟ୍ରକ୍‌ରେ ଅଣାଯାଇଥିଲା । ପ୍ରଥମଥର ପାଇଁ ଭଗବାନ ବୁଦ୍ଧଙ୍କ ଦେହାବଶେଷକୁ ଦେଶ ମଧ୍ୟରେ ପ୍ରଦର୍ଶନ ପାଇଁ ଅଣାଯାଇଛି ।

---

# ଇଏମ୍-ଇକ୍ୱେଡର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଜି ଇକ୍ୱେଡରର ବୈଦେଶିକ ମନ୍ତ୍ରୀ ଗାବ୍ରିଆଲା ସମରଫେଲ୍‌ଡଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ବୈଠକରେ ବାଣିଜ୍ୟ, କୃଷି ଏବଂ ଦକ୍ଷତା ବୃଦ୍ଧି ପ୍ରସଙ୍ଗ ନେଇ ଆଲୋଚନା ହୋଇଛି । ଭାରତ ସମର୍ଥିତ ଆନ୍ତର୍ଜାତିକ ସୌରମେଣ୍ଟ ଏବଂ ଆନ୍ତର୍ଜାତିକ ବିଗ୍ କ୍ୟାଟ୍ ମେଣ୍ଟରେ ଇକ୍ୱେଡରର ଯୋଗଦାନ ନିଷ୍ପତ୍ତିକୁ ଡକ୍ଟର ଜୟଶଙ୍କର ସ୍ୱାଗତ କରିଛନ୍ତି । ଉଭୟ ଦେଶ ମଧ୍ୟରେ ବୁଝାମଣା ଚୂଡ଼ାନ୍ତ ହେବା ନେଇ ମତ ପ୍ରକାଶ ପାଇଥିବା ଡକ୍ଟର ଜୟଶଙ୍କର କହିଛନ୍ତି ।

---

# ଗଭ୍- ମୋଟରଭେହିକିଲ୍ ଡ୍ରାଫ୍ଟ

କେନ୍ଦ୍ରୀୟ ମୋଟରଯାନ ଅଧିନିୟମ ୧୯୮୯ ଅନ୍ତର୍ଗତ ପ୍ରସ୍ତାବିତ ସଂଶୋଧନକୁ ଡ୍ରାଫ୍ଟ ନୋଟିଫିକେସନ ଆକାରରେ ପ୍ରକାଶ କରାଯାଇଛି । ଏହି ଡ୍ରାଫ୍ଟ ଅନୁଯାୟୀ ଇଥାନଲ ମିଶ୍ରଣ ଏବଂ ଜୈବ ଇନ୍ଧନ ମିଶ୍ରଣକୁ ଅନୁମତି ଦେବା ତଥା ବୈଷୟିକ ଇନ୍ଧନ ବର୍ଗୀକରଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଭଳି ସଂଶୋଧନ ପ୍ରସ୍ତାବ ରହିଛି । ଡ୍ରାଫ୍ଟ ବିଜ୍ଞପ୍ତିରେ ହାଇଡ୍ରୋଜେନ୍ ପ୍ଲସ୍ ସିଏନ୍‌ରୁ ହାଇଡ୍ରୋଜେନ୍ ପ୍ଲସ୍ ସିଏନ୍‌ଜି ଏବଂ

କେତେକ କ୍ଷେତ୍ରରେ ଗାଡ଼ିର ଓଜନ ସୀମା ୩ ହଜାର କିଲୋଗ୍ରାମ୍‌ରୁ ୩ ହଜାର ୫୦୦ କିଲୋଗ୍ରାମ୍‌କୁ ବୃଦ୍ଧି ସଂପର୍କିତ ପ୍ରସ୍ତାବ ରହିଛି ।

# ଗୁଜରାଟ-ଆକ୍ସିଡେଣ୍ଟ

ଗୁଜରାଟର ଶବରକଣ୍ଠ ଜିଲ୍ଲାର ହିମତନଗର ନିକଟରେ ଏକ ବସ୍ ଓ କାର୍ ମଧ୍ୟରେ  ଦୁର୍ଘଟଣା ଘଟିବା ଫଳରେ ୬ ଜଣଙ୍କ ମୃତ୍ୟୁ ଘଟିଛି । ଦୁର୍ଘଟଣାରେ ୪ ଜଣ ଗୁରୁତର ଆହତ ହୋଇଛନ୍ତି । ୪୮ ନମ୍ବର ଜାତୀୟ ରାଜପଥରେ ଏହି ଦୁର୍ଘଟଣା ଘଟିଛି । ପୋଲିସ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏକ କାର୍‌ରେ ଯାତ୍ରୀମାନେ ସାମ୍‌ଲାଜୀରୁ ଯାଉଥିବା ବେଳେ ପଛପଟୁ ଆସୁଥିବା ଏକ ବସ୍ ଧକ୍କା ଦେଇଥିଲା ।

# ଏନ୍‌ସିବି-ଜୋନାଲ୍ କନ୍‌ଫରେନ୍ସ

ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ-ଏନ୍‌ସିବି ର ପ୍ରଥମ ତ୍ରୟୋମାସିକ ଆଞ୍ଚଳିକ ନିର୍ଦ୍ଦେଶକମାନଙ୍କ ସମ୍ମିଳନୀ ନୂଆଦିଲ୍ଲୀରେ ଶେଷ ହୋଇଛି । ସମ୍ମିଳନୀରେ ଆସନ୍ତା ୩ ବର୍ଷ ପାଇଁ ନିଶାଦ୍ରବ୍ୟ କାରବାର ରୋକିବା ନେଇ ଦୃଢ଼ ପଦକ୍ଷେପ ଗ୍ରହଣ ଲାଗି ମତ ପ୍ରକାଶ ପାଇଛି । ସୂଚନା ଅନୁଯାୟୀ, ଏହି ଦୁଇଦିନିଆ ସମ୍ମିଳନୀରେ ନିଶାଦ୍ରବ୍ୟ କାରବାର ରୋକିବା ଦିଗରେ  ବିଭିନ୍ନ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି ନିର୍ଦ୍ଦିଷ୍ଟ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଏନ୍‌ସିବିର ମହାନିର୍ଦ୍ଦେଶକ ଅନୁରାଗ ଗର୍ଗ’ କେନ୍ଦ୍ରମନ୍ତ୍ରୀ ଅମିତ ଶାହାଙ୍କ ଦୃଷ୍ଟିକୋଣ ଅନୁଯାୟୀ କାର୍ଯ୍ୟ କରିବା ଉପରେ ପ୍ରାଧାନ୍ୟ ଦେଇଛନ୍ତି ।

# ଏସ୍‌ସି-ଆଡମିଶନ

ଶିକ୍ଷା ଅଧିକାର ଆଇନ୍ ଅନୁଯାୟୀ ଛାତ୍ରଛାତ୍ରୀଙ୍କ ଶିକ୍ଷାନୁଷ୍ଠାନରେ ନାମ ଲେଖାକୁ ଏକ ଜାତୀୟ ମିଶନ୍ ଭାବେ ଗ୍ରହଣ କରିବାକୁ ସୁପ୍ରିମ୍‌କୋର୍ଟ୍ ପରାମର୍ଶ ଦେଇଛନ୍ତି । ବିଚାରପତି ଜଷ୍ଟିସ୍ ପି.ଏମ୍. ନରସିଂହ ଏବଂ ଜଷ୍ଟିସ୍ ଆଲୋକ ଆରାଧେଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତ ଏକ ମାମଲାର ଶୁଣାଣି କରି କହିଛନ୍ତି, ଦୁର୍ବଳ ଏବଂ ପଛୁଆବର୍ଗର ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ଅନୁମତି ନ ଦେବା ସମ୍ବିଧାନ ଧାରା ୨୧-ଏ'ର ମୌଳିକ ଅଧିକାରକୁ ଉଲ୍ଲଙ୍ଘନ କରୁଛି ।

ଅଣ-ସହାୟତା ପ୍ରାପ୍ତ ଶିକ୍ଷା ପ୍ରତିଷ୍ଠାନ ସମେତ ଅନ୍ୟାନ୍ୟ ଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକ ରାଜ୍ୟ ସରକାରଙ୍କ ଦ୍ୱାରା ଆବଣ୍ଟିତ ଛାତ୍ରଛାତ୍ରୀଙ୍କୁ ବିଳମ୍ବ ନ କରି ନାମ ଲେଖାଇବାକୁ ଅନୁମତି ଦେବାକୁ ଆଇନ୍ ଅନୁଯାୟୀ ବାଧ୍ୟ ବୋଲି ଖଣ୍ଡପୀଠ ସ୍ୱଷ୍ଟ କରିଛନ୍ତି । ସମାଜରେ ପରିବର୍ତ୍ତନ ଏବଂ ସମାନତାକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ ଶିକ୍ଷା ଅଧିକାର ଆଇନ୍ ଅଧୀନରେ ଏହି ଛାତ୍ରଛାତ୍ରୀଙ୍କ ପାଇଁ ୨୫ ପ୍ରତିଶତ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ରହିଛି । ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ସୁନିଶ୍ଚିତ କରିବା ଶିକ୍ଷାକୁ କାର୍ଯ୍ୟକାରୀ କରିବାରେ ଆଇନ୍ ଅନୁଯାୟୀ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ବାଧ୍ୟ ବୋଲି ସୁପ୍ରିମ୍‌କୋର୍ଟ୍ କହିଛନ୍ତି । ଲକ୍ଷ୍ନୌ ସ୍ଥିତ ଏକ ଘରୋଇ ସ୍କୁଲ୍ ଦ୍ୱାରା ଦାଖଲ ହୋଇଥିବା ଏ ସଂକ୍ରାନ୍ତ ଆବେଦନକୁ ଖଣ୍ଡପୀଠ ଖାରଜ କରିଦେଇଛନ୍ତି । ଶିକ୍ଷା ଅଧିକାର ଆଇନ୍ ଅନୁଯାୟୀ ମନୋନୀତ ଛାତ୍ରଛାତ୍ରୀଙ୍କୁ ଏହି ଶିକ୍ଷା ପ୍ରତିଷ୍ଠାନ ନାମ ଲେଖାଇବା ପାଇଁ ଅନୁମତି ପ୍ରଦାନ କରି ନ ଥିଲା ।

# ଫିଫା-ପିଏମ୍ ମୋଦୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କ୍ରୀଡ଼ା ପ୍ରତି ଉତ୍ସାହ ଦେଖି ଫିଫା ଅଧ୍ୟକ୍ଷ ଜିଆନି ଇନ୍‌ଫାଣ୍ଟିନୋ ପ୍ରଶଂସା କରିଛନ୍ତି । ଗ୍ୟାଙ୍ଗଟକ୍‌ରେ ପିଲାମାନଙ୍କ ସହିତ ଫୁଟବଲ ଖେଳୁଥିବା ଏକ ଫଟୋ ଶେୟାର କରି ଫିଫା ମୁଖ୍ୟ ଦକ୍ଷିଣ ଏସିଆରେ ଫୁଟବଲର ବିସ୍ତାର ନେଇ ଏହା ଉତ୍ସାହିତ କରିବ ବୋଲି କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହି ଫଟୋକୁ ପୋଷ୍ଟ କରି ଇନ୍‌ଫାଣ୍ଟିନୋ ଲେଖିଛନ୍ତି ବାସ୍ତବରେ ଫୁଟବଲ ବିଶ୍ୱକୁ ଏକାଠି କରିଥାଏ ।

ଦେଶର ଅନ୍ୟ ସ୍ଥାନରେ କ୍ରିକେଟ୍ ଯେଭଳି ଲୋକପ୍ରିୟ ସେହିପରି ଉତ୍ତର-ପୂର୍ବାଞ୍ଚଳ ବିଶେଷକରି ସିକିମ୍, ମିଜୋରାମ, ମଣିପୁର ଏବଂ ମେଘାଳୟରେ ଫୁଟବଲ ଅତ୍ୟନ୍ତ ଲୋକପ୍ରିୟ । ଫିଫା ଅଧ୍ୟକ୍ଷ ଇନ୍‌ଫାଣ୍ଟିନୋ ପୂର୍ବରୁ ଅନେକଥର ପ୍ରଧାନମନ୍ତ୍ରୀଙ୍କ ସହିତ ବିଭିନ୍ନ ଆନ୍ତର୍ଜାତିକ ଫୋରମ୍‌ରେ ସାକ୍ଷାତ କରିଛନ୍ତି । ୨୦୧୮ ଡିସେମ୍ବରରେ ଆର୍ଜେଣ୍ଟିନାରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀରେ ସେ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ନାମଲେଖାଥିବା ଜର୍ସି ଉପହାର ଦେଇଥିଲେ । ଗତକାଲି ପ୍ରଧାନମନ୍ତ୍ରୀ ସିକିମ୍ ଗସ୍ତ ଅବସରରେ ସକାଳ ସମୟରେ ଗ୍ୟାଙ୍ଗଟକ୍‌ରେ ପିଲାମାନଙ୍କ ସହ ଫୁଟବଲ ଖେଳିଥିଲେ ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ମଧ୍ୟ ମ୍ୟାଚ୍ ଖେଳାଯିବ । ମୁମ୍ବାଇର ଓ୍ୱାଙ୍ଖେଡେ ଷ୍ଟାଡିୟମ୍ ଠାରେ ସନ୍ଧ୍ୟା ସାଢ଼େ ସାତଟାରେ ଏହି ମ୍ୟାଚ୍ ଆରମ୍ଭ ହେବ ।

ଗତକାଲିର ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ବିଜୟୀ ହୋଇଛି । ନ୍ୟୁ-ଚଣ୍ଡିଗଡ଼ ଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ' ପଞ୍ଜାବ କିଙ୍ଗସ୍‌କୁ ୬ ଓ୍ୱିକେଟ୍‌ରେ ପରାସ୍ତ କରିଛି ।